| | |
|---|---|
| ବହିର ନାଁ | ରସକଲ୍ଲୋଳ |
| ଲେଖକ | ଦୀନ କୃଷ୍ଣ ଦାସ |
| ସମ୍ପାଦକ/ଅନୁବାଦକ | ଆର୍ତ୍ତବଲ୍ଲଭ ମହାନ୍ତି (ସମ୍ପାଦକ) |
| ପ୍ରଥମ ପ୍ରକାଶନ | ୧୯୨୫ |
| ସଂସ୍କରଣ | ୨ୟ (୧୯୫୩) |
| ପୃଷ୍ଠା | ୧୬୬+୨୭ |
| ବିଭାଗ | ପ୍ରାଚୀନ ସାହିତ୍ୟ (କାବ୍ୟ) |
| ବହି ବିଷୟରେ | ରାଧାକୃଷ୍ଣ ଲୀଳା ଆଧାରିତ କାବ୍ୟ। |
| | |
| Title | Rasakalloḷa |
| Author | kr̥ṣṇa Das (Dinakr̥ṣṇa Das ?) |
| Editor/Translator | Ārtaballabha Mohānty |
| 1st Publication | 1925 |
| Edition | 2nd (1953) |
| Page | 166+27 |
| Category | Ancient Literature |
| About the book | Rhetorical kabya based on Radha and Krishna. |

An Authenticated Edition of

# RASAKALLOL

By

DEENAKRUSHNA DAS.

Edited by

**Rai Bahadur A. B. Mohanty, M. A.,**

with different readings, introduction and notes.

ଭକ୍ତକବି ଦୀନକୃଷ୍ଣ ଦାସଙ୍କ ବିରଚିତ

# ରସକଲ୍ଲୋଳ

ବହୁପାଠ, ଭୂମିକା, ମୁଖବନ୍ଧ ଓ କଲ୍ଲୋଳକୌମୁଦୀଟୀକା ସହ

ରେଭେନ୍ସା କଲେଜର ଅଧ୍ୟାପକ

ରାୟବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍. ଏ.ଙ୍କ ଦ୍ୱାରା

ସଙ୍କଳିତ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

୧୯୫୩

ମୂଲ୍ୟ—ତିନି ଟଙ୍କା

Digitized by srujanika@gmail.com

# ଛାନ୍ଦମାନଙ୍କର ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । କର ସାଧୁଜନମାନେ ମନକୁ ଏକ ... | ୧ |
| ୨ । କର ଅହେ ସାଧୁଜନମାନେ ମନ ଏକତାନ | ୩ |
| ୩ । କର୍ଣ୍ଣେ ନନ୍ଦସୁତ ହେବା ଶୁଣିଲେ | ୭ |
| ୪ । କର୍ଣ୍ଣ ଦେଇ ଶୁଣ ଅହେ ସାଧୁଜନେ | ୧୨ |
| ୫ । କୃଷ୍ଣ ବାଳକଲୀଳା ଏକମନେ | ୧୬ |
| ୬ । କର୍ଣ୍ଣ ମନ ଦେଇ ଶ୍ରଦ୍ଧାବନ୍ତ ହୋଇ | ୨୩ |
| ୭ । କମଳ-ନୟନ କୃଷ୍ଣ ଶ୍ରୀନନ୍ଦନନ୍ଦନ | ୨୯ |
| ୮ । କରୁଥିବ ହଂସ ପରାୟେ ଗମନ | ୩୫ |
| ୯ । କର ସାଧୁଜନମାନେ ଏକମନ କର୍ଣ୍ଣ ଦେଇ କୃଷ୍ଣ କଥାକୁ | ୩୯ |
| ୧୦ । କୁମୁଦନୟନୀ ସଖୀଗଣ ହେନ | ୪୩ |
| ୧୧ । କର୍ଣ୍ଣେ ଶୁଣ ସୁଜନେ କୃଷ୍ଣକଥା | ୪୫ |
| ୧୨ । କୁସୁମ ସମୟ ହୋଇଲା ଉଦୟ | ୫୨ |
| ୧୩ । କଳଙ୍କରହିତ କଳାକରଜାତ | ୫୭ |
| ୧୪ । କୁସୁମକାଳ କାହାକୁ କାଳ ପ୍ରାୟେ ହୋଇଲା ପ୍ରତେ | ୬୪ |
| ୧୫ । କ୍ରମେ ମଧୁ ଶେଷ ହୋଇଲା ପ୍ରବେଶ | ୬୯ |
| ୧୬ । କ୍ରମେ ଗ୍ରୀଷ୍ମ ହୋଇଲା ଶେଷ | ୭୫ |
| ୧୭ । କ୍ରମେ ପ୍ରବେଶ ହୋଇଲା ଶରଦ | ୮୩ |
| ୧୮ । କରଚନ୍ଦ୍ର ଦେବେ ଏକଦୃଷ୍ଟି ... | ୮୬ |
| ୧୯ । କ୍ରୀଡ଼ା ଶେଷେ ଗୋପନାରୀ ... | ୮୯ |
| ୨୦ । କୁଞ୍ଜକୁଟୀରେ ଫୁଲଶେଯ ଉପରେ | ୯୩ |
| ୨୧ । କେଶବ ଅଂଶରେ ବସ ମାନସରେ | ୯୮ |
| ୨୨ । କଲେ ଯାକ ଅବଲୋକ | ୧୦୬ |
| ୨୩ । କୃଷ୍ଣଙ୍କୁ ଦେଖି ଗୋପୀ ହେଲେ ଯାହା | ୧୧୦ |
| ୨୪ । କନ୍ଦର କର ମନ୍ଦିର ଅନ୍ତର | ୧୧୫ |


Digitized by srujanika@gmail.com

| ବିଷୟ | | ପୃଷ୍ଠା |
|---|---|---|
| ୨୫ । କର ସାଧୁ ବିବେକ ଜନେ କାତର | | ୧୧୭ |
| ୨୬ । କୃଷ୍ଣ କଂସନଗର ଯିବା ଶୁଣି | | ୧୨୫ |
| ୨୭ । କର୍ଣ୍ଣ ଦେଇ କୃଷ୍ଣ କଥା | | ୧୩୨ |
| ୨୮ । କୃଷ୍ଣ ବିଜୟେ ମଥୁରା ଦାଣ୍ଡେ | ... | ୧୪୦ |
| ୨୯ । କର ଦେବତାଙ୍କ କାର୍ଯ୍ୟ କରୁଣାନିଧି | ... | ୧୪୩ |
| ୩୦ । କମଳନେତ୍ର କଂସ କଟକେ ଥାଇ | ... | ୧୪୭ |
| ୩୧ । କଣ୍ଠୋଦ୍ଧାରଣ ତନ ସ୍ଵଧା ବିରଚିଲ | | ୧୫୦ |
| ୩୨ । କୃଷ୍ଣ ଦୂତକୁ ବସାଇ ପାଖେ | | ୧୫୫ |
| ୩୩ । କର୍ମଶିକ୍ଷା ଉଦ୍ଧବ କେବେହେଁ ମାଧବ | | ୧୬୦ |
| ୩୪ । କଂସ-କର-କଣ୍ଟୀରବ କେଶବ | | ୧୬୩ |


Digitized by srujanika@gmail.com

# ମୁଖବନ୍ଧ

ଭକ୍ତକବି ଦୀନକୃଷ୍ଣଙ୍କ ରସକଲ୍ଲୋଳ ଉତ୍କଳରେ ପ୍ରାୟ ସର୍ବତ୍ର ପରିଚିତ । ଏହାର ଅନେକ ସଂସ୍କରଣ ହୋଇ ଯାଇଅଛି । ସେ ସଂସ୍କରଣମାନଙ୍କରେ ଅଶୁଦ୍ଧ ଓ ଅସଙ୍ଗତ ପଦମାନ ଦେଖି ସୁବିସ୍ତୃତ ଟୀକା ସହ ଏକ ବିଶୁଦ୍ଧ ସଂସ୍କରଣ କରିବାକୁ ମନସ୍ଥ କଲି । ମୋର ପ୍ରିୟ ଛାତ୍ର ଶ୍ରୀମାନ୍ ଅମରେନ୍ଦ୍ର ବଲ୍ଲଭ ଦେ ଏମ୍. ଏ., ବି. ଏଲ୍. ବିଭିନ୍ନ ସ୍ଥଳରୁ ଆନୀତ ଦଶଖଣ୍ଡ ତାଳପତ୍ର ପୋଥି ଓ ମୁଦ୍ରିତ ସଂସ୍କରଣମାନଙ୍କ ମଧ୍ୟରୁ ଦୁଇଖଣ୍ଡ ମୋ ପରାମର୍ଶମତେ ମିଳାଇ ଶୁଦ୍ଧ ପାଠ ଗ୍ରହଣରେ ମୋତେ ବିଶେଷ ସାହାଯ୍ୟ କରିଅଛନ୍ତି ।

ଗ୍ରନ୍ଥପ୍ରାପ୍ତି—ପୁରୀ ଜିଲ୍ଲାର ଏମାରମଠର ମହନ୍ତ ମହାରାଜ, ମୋର ଛାତ୍ରଦ୍ୱୟ ଶ୍ରୀମାନ୍ ବାବୁ ଜଗଦାନନ୍ଦ ମହାନ୍ତି ବି. ଏ. ଓ ଶ୍ରୀ ଅଦ୍ୱୈତଚରଣ ମହାନ୍ତି ବି. ଏ. କଟକ ଜିଲ୍ଲାର—ସୁବା ମାଜିଷ୍ଟ୍ରେଟ ରାୟ ବାହାଦୁର ଶ୍ରୀ ଦୟାନିଧି ଦାସ ବି. ଏ., ମୋର ଛାତ୍ର ଶ୍ରୀମାନ୍ ବାବୁ ପଦ୍ମାରବିନ୍ଦ ମହାନ୍ତି ବି. ଏସ୍. ସି., ଚମ୍ପୁରନିବାସୀ ଜମିଦାର ଶ୍ରୀ ବାବୁ ସୋମନାଥ ଜାନର୍ଗୋ, ମୋର ପିତୃବ୍ୟ ଶ୍ରୀ ପଦ୍ମଚରଣ ମହାନ୍ତି ।

ଢେଙ୍କାନାଳ, ବାଲେଶ୍ୱର ଓ ମୟୂରଭଞ୍ଜ ନିବାସୀ ମୋର ଛାତ୍ର ଶ୍ରୀମାନ୍ ମୁକୁନ୍ଦ ପ୍ରଧାନ, ପଦ୍ମଲୋଚନ ଉପାଧ୍ୟାୟ ବି. ଏ. ଓ ମହେନ୍ଦ୍ରନାରାୟଣ ପଣ୍ଡା ମୋତେ ପ୍ରତ୍ୟେକ ରସକଲ୍ଲୋଳର ଖଣ୍ଡିଏ ଲେଖା ପୋଥି ଯୋଗାଇ କୃତଜ୍ଞତା ଓ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏ ପୋଥିମାନଙ୍କ ବିଷୟରେ ବିସ୍ତର କରିବା ନିଷ୍ପ୍ରୟୋଜନ ମନେ କରି ସେଥିରୁ କ୍ଷାନ୍ତ ହେଲି । ମୁଦ୍ରିତ ସଂସ୍କରଣମାନଙ୍କ ମଧ୍ୟରୁ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଓ ନିତ୍ୟାନନ୍ଦ ସାହୁଙ୍କ ସଂସ୍କରଣଦ୍ୱୟ ଶୁଦ୍ଧ ପାଠ ଗ୍ରହଣରେ ବ୍ୟବହୃତ ହୋଇଅଛି ।

ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ସଙ୍କଳିତ ରସକଲ୍ଲୋଳର ପ୍ରଥମ ସଂସ୍କରଣ ଅପେକ୍ଷାକୃତ ଶୁଦ୍ଧ । ତହିଁରେ ପ୍ରମାଦ ଅଛି, କିନ୍ତୁ ତାହାର ଭିନ୍ନ ଭିନ୍ନ ମୁଦ୍ରଣରେ ପ୍ରକାଶକ ଓ ମୁଦ୍ରାକରଙ୍କ ଅସାବଧାନତା ହେତୁ ଭ୍ରମ ଓ ପ୍ରମାଦ ବିଶେଷ ଭାବରେ ସ୍ଥାନଲାଭ କରିଅଛି । ଅନ୍ୟଙ୍କ ଦ୍ୱାରା ସଙ୍କଳିତ ଏହି କାବ୍ୟ କେବଳ ଉକ୍ତ ସଂସ୍କରଣର ଅବିକଳ ନକଲ ମାତ୍ର । ଏହି ନକଲବୃନ୍ଦ

Digitized by srujanika@gmail.com

ଉତ୍କଳରେ ଗ୍ରନ୍ଥପ୍ରକାଶକମାନଙ୍କ ମଧ୍ୟରେ ପୂର୍ଣ୍ଣଭାବରେ ବିଦ୍ୟମାନ । ବିଜୟଚନ୍ଦ୍ର ମଜୁମଦାରଙ୍କ ଉତ୍କଳ ସାହିତ୍ୟ ପରିଚୟରେ ଏହି ରସକଲ୍ଲୋଳର ଅଂଶ ମଧ୍ୟ ଭ୍ରମ ପ୍ରମାଦ ଦୂଷିତ ।

ତାରିଣୀଚରଣ ରଥ, ବିଜୟଚନ୍ଦ୍ର ମଜୁମଦାର ପ୍ରମୁଖ କେତେକ ସାହିତ୍ୟିକ ରସବିନୋଦ, ଗୁଣସାଗର, ପ୍ରସ୍ତାବସିନ୍ଧୁ ଓ ନାମରତ୍ନଗୀତା ପ୍ରଭୃତିର ରଚୟିତା ଦୀନକୃଷ୍ଣଙ୍କଠାରୁ ନାବକେଳି, ଅଭିଧାନ ଚଉତିଶା, ରସକଲ୍ଲୋଳ ପ୍ରଭୃତିର କବି ଦୀନକୃଷ୍ଣଙ୍କୁ ପୃଥକ୍‌ରୂପେ ଗ୍ରହଣ କରିଅଛନ୍ତି । ସେମାନଙ୍କ ମତରେ ରସକଲ୍ଲୋଳକାରଙ୍କ ଭାଷାର, ରଚନାପଦ୍ଧତି, ପଦଲାଳିତ୍ୟ ଓ ବର୍ଣ୍ଣନାସୌନ୍ଦର୍ଯ୍ୟ ରସବିନୋଦ ପ୍ରଭୃତି ରଚୟିତା ଦୀନକୃଷ୍ଣଙ୍କ ଭାଷାରେ ପରିଦୃଷ୍ଟ ହୁଏ ନାହିଁ । ଅଧିକନ୍ତୁ ରସକଲ୍ଲୋଳକାର କର୍ଣ୍ଣରେ କରଣ, ଏହା ରାମଦାସକୃତ ଦାର୍ଢ୍ୟତାଭକ୍ତିରେ ଲିଖିତ ଅଛି :—

ପୁରୁଷୋତ୍ତମେ ତାର ବାସ, ନାମ ତାହାର କୃଷ୍ଣ ଦାସ ।
ଜାତିରେ ଅଟଇ କରଣ, ପଣ୍ଡିତ ବିବେକ ସୁଜାଣ ।

ବିଶ୍ୱର ସାହେବ ତାଙ୍କୁ କରଣ ବୈଷ୍ଣବ ବୋଲି କହିଅଛନ୍ତି । ୬ ମୃତ୍ୟୁଞ୍ଜୟ ରଥ ମଧ୍ୟ ତାଙ୍କୁ ପୁରୀସହରବାସୀ କରଣ ବୈଷ୍ଣବରୂପେ ଗ୍ରହଣ କରିଅଛନ୍ତି । ରସବିନୋଦକାର ଜାତିରେ ରାଜପୁତ (ରଜପୁତ), ତାହା ସେ ରସବିନୋଦରେ ନିର୍ଦ୍ଦେଶ କରିଅଛନ୍ତି ।

ମୁଁ ସ୍ଥିର ନାହିଁରେ ଗଣନା । ଜାତିରେ ରାଜପୁତ୍ର ସିନା । ୧ମ ଅଧ୍ୟାୟ
ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ । ନାମ ମୋହର କୃଷ୍ଣଦାସ ।

× × × ×

ସୁବର୍ଣ୍ଣରେଖା ନଦୀତୀର । ଜନମ ସେହିଠାରେ ମୋର ।
ରାଜ୍ୟକୁ କି ଦେବା ଉପମା । ଘର ଚମା କୁଳେଶ୍ୱର ସୀମା ।
ଯେତେକ ରାଜପୁତ୍ର ତେଣେ । ଅଛନ୍ତି ଜାତି ଗୋତ୍ରଗଣେ । ୬ଷ୍ଠ ଅଧ୍ୟାୟ

ମୃତ୍ୟୁଞ୍ଜୟ ରଥେ ଲେଖିଛନ୍ତି "କେହି କେହି କହନ୍ତି ଯେ ରସକଲ୍ଲୋଳକାର ବେଶ୍ୟାପୁତ୍ର ଥିଲେ, କିନ୍ତୁ ତାହା ସପକ୍ଷରେ ସବିଶେଷ ପ୍ରମାଣ କିଛି ନାହିଁ ।" ବିଜୟଚନ୍ଦ୍ର ମଜୁମଦାର ସେହି କିମ୍ବଦନ୍ତୀରେ ବିଶ୍ୱାସ ସ୍ଥାପନପୂର୍ବକ ଲେଖିଅଛନ୍ତି ଯେ ସେ ଜଣେ ନୀଚଜାତୀୟ ଲୋକ ଥିଲେ ଏବଂ ତାଙ୍କର ବୈଷ୍ଣବଧର୍ମ ଗ୍ରହଣ କଲା ପର୍ଯ୍ୟନ୍ତ ସେ ଏକ ଅତି ଘୃଣ୍ୟବୃତ୍ତି ଅବଲମ୍ବନ କରିଥିଲେ । ( ତାଙ୍କର ପିତା କରଣ ଓ ମାତା ବେଶ୍ୟାକନ୍ୟା ହୋଇଥିଲେ କରଣ ଓ ବେଶ୍ୟାପୁତ୍ର ଉକ୍ତିଦ୍ୱୟର ବିରୋଧ ମତ ପରିହାର ହୋଇ ପାରେ । )

ଦୀନକୃଷ୍ଣ କେଉଁ କାଳର ଲୋକ ଥିଲେ, ଏ ବିଷୟରେ ମଧ୍ୟ କେହି ସ୍ଥିର ସିଦ୍ଧାନ୍ତରେ ଉପନୀତ ହେଲା ପରି ଜଣାପଡ଼ୁ ନାହାନ୍ତି । ବିଜୟଚନ୍ଦ୍ର ମଜୁମଦା-

Digitized by srujanika@gmail.com

କହନ୍ତି ଯେ ଦାର୍ଢ୍ୟତାଭକ୍ତିର ଉକ୍ତି ଅନୁସାରେ ସୌରବଂଶର ରାଜା ପ୍ରତାପ-ରୁଦ୍ରଙ୍କ ଦ୍ୱାରା ଦୀନକୃଷ୍ଣ ଅତ୍ୟନ୍ତ ବିପୀଡ଼ିତ ହୋଇଥିଲେ । ସେହି ପ୍ରତାପରୁଦ୍ର ନିଜର ମନ୍ଦ ଆଚରଣ ହେତୁ ଲୋକଙ୍କ ଦ୍ୱାରା ଗଦା ପ୍ରତାପ (ଚଣ୍ଡ ପ୍ରତାପ) ନାମରେ ଅଭିହିତ ହୋଇଥିଲେ ; ସେ ୧୫୬୭ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ; ତେଣୁ ଦୀନକୃଷ୍ଣ ତାଙ୍କର ସମସାମୟିକ । ଭକ୍ତଚରଣ ଦାସ ଉତ୍କଳର ମୁସଲମାନ ରାଜତ୍ୱର ପ୍ରଥମକାଳର ଲୋକ ଥିଲେ; କାରଣ ୧୫୬୮ ସାଲରେ * ମୁକୁନ୍ଦ ଦେବଙ୍କ ମୃତ୍ୟୁର ପରକାଳରୁ ମୁସଲମାନମାନେ ଉତ୍କଳରେ ଆଧିପତ୍ୟ ସ୍ଥାପନ କରିବାକୁ ଲାଗିଲେ । †

ଷ୍ଟର୍ଲିଂ, ହଣ୍ଟର, କୃପାସିନ୍ଧୁଙ୍କ ମତରେ ଚଣ୍ଡପ୍ରତାପ ୧୫୪୧ ସାଲ ଠାରୁ ୧୫୪୯ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଯେଉଁ ଦାର୍ଢ୍ୟତାଭକ୍ତିର ପ୍ରମାଣ ସ୍ୱରୂପ ବିଜୟ ବାବୁ ଧରିଅଛନ୍ତି ସେହି ଦାର୍ଢ୍ୟତାଭକ୍ତିରେ ବିଦ୍ୟାସିଂହ ଦେବ ଦୀନକୃଷ୍ଣ ଦାସଙ୍କୁ ବନ୍ଦୀ କରିବା ବିଷୟ ଲିଖିତ ଅଛି ।

“ସେ ବିଦ୍ୟାସିଂହ ମହାରଥୀ । ସ୍ୱପନେ ଦେଖି ଏହୁ କଥା ।”

---

* ତେବେ ତେଲଙ୍ଗା ମୁକୁନ୍ଦଦେବ ବିଜୟ ବାବୁଙ୍କ ଉକ୍ତି ଅନୁସାରେ ୧୫୬୭ ସାଲରୁ ୧୫୬୮ ସାଲ ପର୍ଯ୍ୟନ୍ତ ୧ ବର୍ଷ ମାତ୍ର ରାଜତ୍ୱ କରିଥିଲେ ।

† ପୁନଶ୍ଚ ବିଜୟଚନ୍ଦ୍ର କହନ୍ତି ଯେ ଦାର୍ଢ୍ୟତାଭକ୍ତି ପ୍ରାୟ ୧୭୫୦ ସାଲରେ ରଚିତ ହୋଇଥିବା ହେତୁ ଦୀନକୃଷ୍ଣ ସେ ସମୟରୁ ଜଣେ ଅଦ୍ଭୁତ ଶକ୍ତିଶାଳୀ ମାହାତ୍ମ୍ୟରୂପେ ବିବେଚିତ ହୋଇଥିଲେ ଓ ତାହାହିଁ ତାଙ୍କର ସମୟ ନିରୂପଣର (ଅର୍ଥାତ୍ ୧୫୬୭ ସାଲରେ ଦୀନକୃଷ୍ଣ ଜୀବିତ ଥିବା) ବିଚାରରେ ମଧ୍ୟ ଗ୍ରହଣୀୟ । ବୀରକେଶରୀ ଦେବଙ୍କ ୪୨ ଅଙ୍କରେ ଦାର୍ଢ୍ୟତାଭକ୍ତି ପ୍ରଥମ ଖଣ୍ଡ ଶେଷ ହେବା ରାମଦାସ ସେହି ଗ୍ରନ୍ଥର ଉପସଂହାରରେ କହିଅଛନ୍ତି ।

ଶ୍ରୀ ବୀରକେଶରୀ ଦେବଙ୍କ । ସମ୍ପୂର୍ଣ୍ଣ ବୟାଳିଶ ଅଙ୍କ ।
ସମ୍ପୂର୍ଣ୍ଣ ହେଲା ଏ ଚରିତ । କହଇ ଲଛମନ ସୁତ ।

ବୀରକିଶୋର ଦେବ ୧୭୪୩ ସାଲରୁ ୧୭୮୦ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ୪୨ ଅଙ୍କ ୧୭୭୬ କି ୧୭୭୭ ସାଲ ହେଉଅଛି । ଏହି ସମୟରେ ଦାର୍ଢ୍ୟତାଭକ୍ତିର ୧ ଖଣ୍ଡ ଶେଷ ହୋଇଥିଲା । ଦୀନକୃଷ୍ଣ ୧୬୧୫ ସାଲ ପର୍ଯ୍ୟନ୍ତ ଜୀବିତ ଥିବା ଅନୁମାନ କଲେ ୬୦।୭୨ ବର୍ଷ ଭକ୍ତଙ୍କଠାରେ ଅମାନୁଷିକ ଶକ୍ତି ଆରୋପିତ ହେବାର ଯଥେଷ୍ଟ ସମୟ । ତାହାର ନିଦର୍ଶନ ସ୍ୱରୂପ ଆଧୁନିକ ଯୁଗର ଅନ୍ଧ କବି ଭୀମଭୋଇ ଅଟନ୍ତି ।

ଦାର୍ଢ୍ୟତାଭକ୍ତି ୧୭୫୦ ସାଲରେ ରଚିତ ହେବା ବିଷୟ ଯାହା ବିଜୟଚନ୍ଦ୍ର କହୁଅଛନ୍ତି ତାହା ଭ୍ରମାତ୍ମକ ।

Digitized by srujanika@gmail.com

ଦିବ୍ୟସିଂହ ଦେବ ପ୍ରାୟ ୧୬୯୨—୧୭୨୦ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରସକଲ୍ଲୋଳକାର ଦାର୍ଢ୍ୟତାଭକ୍ତିର କୃଷ୍ଣଦାସ ଦିବ୍ୟସିଂହ ଦେବଙ୍କର ସମକାଳୀନ ହୋଇଅଛନ୍ତି ।

ରସବିନୋଦ, ନାମରତ୍ନଗୀତା ପ୍ରଭୃତିର ରଚୟିତା ଦୀନକୃଷ୍ଣ ଉପେନ୍ଦ୍ର ଭଞ୍ଜଙ୍କ ସମକାଳୀନ—ଯାହା ବିଜୟ ବାବୁ ଅନୁମାନ କରିଅଛନ୍ତି ତାହା ଭାଗ୍ୟତଃ ଯଥାର୍ଥ । କାରଣ ନାମରତ୍ନଗୀତା ୨ୟ ଭାଗ ୪ର୍ଥ ଅଧ୍ୟାୟରେ ଲିଖିତ ଅଛି—

"ଯେଉଁ କାଳେ ସପ୍ତଦଶ ଅଙ୍କ ହେବ ଛାଣ ।
ଯୁଧିଷ୍ଠିର ନାମେ ଥିବ ଦିବ୍ୟସିଂହ ରାଣ ।
ମୋହ ନାମରତ୍ନଗୀତା ହୋଇବ ପ୍ରକାଶ ।
ଦୀନକୃଷ୍ଣ ବୋଲେ ଏହା ଭାବ ପୀତବାସ ।"

ଉପେନ୍ଦ୍ର ଭଞ୍ଜ ତାଙ୍କ ରସଲେଖାର ଉପସଂହାରରେ ଲେଖି ଅଛନ୍ତି :—
"ଦିବ୍ୟସିଂହ ଗଜପତି ଅଙ୍କ ସପତବିଂଶତି ଶେଷ ଦିନେ ଶେଷ ଏହୁ ଗୀତ ।"

ଦାର୍ଢ୍ୟତାଭକ୍ତି ଓ ନାମରତ୍ନଗୀତାର ଉକ୍ତି ଅନୁସାରେ ରସବିନୋଦ ଏବଂ ନାମରତ୍ନଗୀତାକାର ଓ ରସକଲ୍ଲୋଳକାର ଏକ ସମୟର ଲୋକ ହୋଇ ପଡ଼ନ୍ତି । ତେବେ କ'ଣ ରସକଲ୍ଲୋଳକାର ଓ ନାମରତ୍ନଗୀତାକାର ଜଣେ ଲୋକ, ବା ସେ ଦୁଇଜଣ ଏକକାଳର ଲୋକ ? ରସବିନୋଦକାର ନିଜକୁ ରାଜପୁତ୍ର ଓ ତାଙ୍କ ଜନ୍ମସ୍ଥାନ ଜଳେଶ୍ୱର ବୋଲି କହିଅଛନ୍ତି । ତେଣୁ ଏ ଦୀନକୃଷ୍ଣ ପୁରୀବାସୀ କରଣ ଦୀନକୃଷ୍ଣ ନୁହନ୍ତି ।

ମାଘମାହାତ୍ମ୍ୟ ଓ ଯମପୁରାଣ ଗ୍ରନ୍ଥର ରଚୟିତା ଦୀନକୃଷ୍ଣ ଦାସ ନିଜକୁ ନୃସିଂହ ଦାସଙ୍କ ପୁତ୍ରରୂପେ କହିଅଛନ୍ତି । ତେଣୁ ଏ ଦୀନକୃଷ୍ଣ ରସବିନୋଦକାର ମଧୁସୂଦନଙ୍କ ପୁତ୍ର ଦୀନକୃଷ୍ଣଙ୍କ ଠାରୁ ପୃଥକ୍ । ଏ ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳ, ଆର୍ତ୍ତତ୍ରାଣ ଚୌତିଶା ପ୍ରଭୃତିର ରଚୟିତାଙ୍କ ଠାରୁ ପୃଥକ୍, କାରଣ ମାଘମାହାତ୍ମ୍ୟ ଓ ଯମପୁରାଣର ପ୍ରତ୍ୟେକ ଅଧ୍ୟାୟ ଶେଷରେ ଯେପରି ପଦନିର୍ଦ୍ଦେଶ ଓ ନୃସିଂହଦାସଙ୍କ ଶିଷ୍ୟ ବା ପୁତ୍ର କଥିତ ହୋଇଅଛି, ରସକଲ୍ଲୋଳ ପ୍ରଭୃତିର ରଚୟିତା କୌଣସି ସ୍ଥାନରେ ପଦ ନିର୍ଦ୍ଦେଶ ଓ ନିଜର ପିତାଙ୍କ ନାମ ନିର୍ଦ୍ଦେଶ କରି ନାହାନ୍ତି ।

ଉପେନ୍ଦ୍ର ଭଞ୍ଜ ଓ ରସକଲ୍ଲୋଳକାର ଦୀନକୃଷ୍ଣଙ୍କର ରସକଲ୍ଲୋଳ କାବ୍ୟ ବିଷୟରେ କଥୋପକଥନ ହେବା କିମ୍ବଦନ୍ତୀରୁ ପ୍ରକାଶ ପାଏ । ଏ † କିମ୍ବଦନ୍ତୀ

---

† କଥିତ ଅଛି, ଦୀନକୃଷ୍ଣ ରସକଲ୍ଲୋଳକୁ ଭଞ୍ଜକବିଙ୍କୁ ଦେଖାଇଥିଲେ । ଭଞ୍ଜକବି କହିଥିଲେ, ପ୍ରଥମ ଛନ୍ଦରେ ଯେପରି କ ନିୟମ ଅର୍ଥାତ୍ ଆଦ୍ୟ ଓ

Digitized by srujanika@gmail.com

କାଳିଦାସ ଭବଭୂତିଙ୍କ ସାକ୍ଷାତ ତଥା ଉଭୟ ମଧ୍ୟରେ ବିଦ୍ୟାପରୀକ୍ଷା ତୁଲ୍ୟ ଅଳୀକ ହୋଇପାରେ । କିନ୍ତୁ ଦିବ୍ୟସିଂହ ଦେବଙ୍କ ସମୟରେ ଉପେନ୍ଦ୍ର ଭଞ୍ଜଙ୍କ ଅସ୍ତିତ୍ୱ ସମ୍ବନ୍ଧ ଦାର୍ଢ୍ୟତାଭକ୍ତିର ଉକ୍ତି ଅନୁସାରେ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଦୀନକୃଷ୍ଣଙ୍କ ଦଣ୍ଡବିଧାନକୁ ନେଇ ବିଚାର କଲେ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଉଭୟେ ଏକକାଳର ଲୋକ । ଲୋକେ କହି ପାରନ୍ତି ଯେ ରସବିନୋଦକାର ଦୀନକୃଷ୍ଣ ଦାର୍ଢ୍ୟତାଭକ୍ତିର କୃଷ୍ଣଦାସ ଅଟନ୍ତି । ତାହାହେଲେ ସେ ଜାତିରେ କରଣ, ରାମଦାସଙ୍କର ଏ ଉକ୍ତି ଭ୍ରମାତ୍ମକ ।

ଅଧୁର ଗ୍ରନ୍ଥ ରସକଲ୍ଲୋଳକାରଙ୍କ ଉକ୍ତି :—

(୧) କବି ଯା କରେ ମୂର୍ଖକୁ ସ୍ତୁତି । ଏଥିରୁ ବଡ଼ ନାହିଁ ବିପତ୍ତି ।
ଏଥିକି ପ୍ରତି ସ୍ଥିତିରେ କାତି ମାରିବା ଭଲ । (୨୬ ଛାନ୍ଦ ୨୯ ପଦ) ।

(୨) କରିଥିଲି ଆଶ ସେ ଯେବେ ନିବାସ କରିବାକୁ ଦୀନକୃଷ୍ଣ
କି ଅଭିରୁଚି ତହିଁ ନ ପାରିଲି ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ

× × × × ×

କୃଷ୍ଣ ଅନ୍ୱେଷି କର ସୁବିଦ୍ୟା ଅଟର ପାପଣ୍ଡକୁ ଯାହା ସ୍ତୁତି
କୃଷ୍ଣଦାସ କହେ କଣ୍ଠ ଭଲ ନୁହେଁ କେବଳ ସ୍ତୁତିକି କାଟି ।
(୨୪ ଛାନ୍ଦ ୨୬-୩୦ ପଦ)

ଏଥିରୁ ଜଣାଯାଏ ଯେ ମୂର୍ଖ ରାଜାଙ୍କର ପ୍ରଶସ୍ତିମୟ କାବ୍ୟ ରଚନା ନ କରିବାରୁ ସେ ପୁରୀଧାମରୁ ବିତାଡ଼ିତ ହୋଇଥିଲେ ।

ଦାର୍ଢ୍ୟତାଭକ୍ତିର କେତେକ ପଂକ୍ତିର ଭାବ ସହିତ ଏହାର ମେଳ ଅଛି :

କୃଷ୍ଣଦାସ—ବୋଇଲେ ଶୁଣ ନୃପନାଥ । କେବଳ ଦେବ ଜଗନ୍ନାଥ ।
ଏ ପିଣ୍ଡ ବିକିଅଛି ତାରେ । ଗୀତ ମୁଁ ନ ବୋଲେ ଅନ୍ୟରେ ।
ରାଜା—ମୋ ନାମ ଭଣିଲେ ଅବଶ୍ୟ । ଅନେକ ଦେବି ଗ୍ରାମ ଦେଶ ।
ମୋ ରାଜ୍ୟେ ଦେବି ଅଧିକାର । ଦେଖ ମୁଁ ଜଗତ ଈଶ୍ୱର ।
ନୋହିଲେ ମରିବୁ ଅବଶ୍ୟ । ଛାଡ଼ ତୋ ଜୀବନର ଆଶ ।
କୃଷ୍ଣଦାସ—ତୁମ୍ଭଙ୍କୁ ନାହିଁ ମୋର ଡର । ମୋ ପ୍ରଭୁ ବଳେ ବଳୀୟାର ।
ଜଗତ ସୃଷ୍ଟି ଆନ ହେଲେ । ଗୀତ ମୁଁ ଆନକୁ ନ ବୋଲେ ।

---

ଅନ୍ତରେ କ ପ୍ରଯୁକ୍ତ ହୋଇଅଛି, ଅବଶିଷ୍ଟ ଛାନ୍ଦମାନଙ୍କରେ ତାହା ହୋଇ ନାହିଁ । ପୁନଶ୍ଚ ବୈଦେହୀଶବିଳାସ ପରି ଏହାର ଛାନ୍ଦମାନଙ୍କରେ ପଦର ସଂଖ୍ୟା କ ଅକ୍ଷରରେ ହୋଇ ନାହିଁ । ଏଥିରେ ଦୀନକୃଷ୍ଣ, ଭଞ୍ଜକବିଙ୍କୁ ବୃଥାଭିମାନୀ ରୂପେ ତିରସ୍କାର କରିଥିଲେ । ସେଥିରେ ଉତ୍ତେଜିତ ହୋଇ ଭଞ୍ଜକବି କଳାକଉତୁକ ନାମକ କାବ୍ୟ ରଚନା କଲେ ।

Digitized by srujanika@gmail.com

ଏଥିରୁ ଉପରୁପେ ଜଣାଗଲା ଯେ ରସକଲ୍ଲୋଳକାର ଦୀନକୃଷ୍ଣ ଓ ଦାର୍ଢ୍ୟତାଭକ୍ତିକାର ଦୀନକୃଷ୍ଣ ଏକ ।

ପୁନଶ୍ଚ କିମ୍ବଦନ୍ତୀରୁ ଜଣାଯାଏ ଯେ, କବି କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ଅତି ଅକୂଳରେ ଗରୁଡ଼ସ୍ତମ୍ଭ ନିକଟରେ ନିତ୍ୟ ଅଭିଧାନ ଚୌତିଶା ପାଠ କରି ନିଜର ଦୁଃଖ ଜଗନ୍ନାଥଙ୍କୁ ଜଣାଉଥିଲେ । କବି ଏହି ବିଷମ ବ୍ୟାଧିରେ ପତିତ ହୋଇ ଅତି ମର୍ମାନ୍ତିକ ଭୋଗ କରୁଥିଲେ ଏବଂ ସେଥିପାଇଁ ସେ ପ୍ରାୟ ସମସ୍ତଙ୍କର ଘୃଣାର ପାତ୍ର ହୋଇଥିଲେ । ସେକାଳର ଧାର୍ମିକ ରାଜା ଦିବ୍ୟସିଂହ ମଧ୍ୟ ଲୋକଙ୍କ କଥାରେ ପଡ଼ି ତାଙ୍କୁ ନଗରରୁ ତଡ଼ି ଦେଇଥିଲେ । ଏହା ତାଙ୍କ ଉକ୍ତିରୁ ଧରାଯାଇ ପାରେ "କୁଟିଳ ହେଲେ ବନ୍ଧୁ ମହନ୍ତ ପଣ୍ଡିତହିଁ ବିବେକ ପଣକୁ ଚେତନ୍ତି ।" ବୋଧହୁଏ ମନ୍ଦିରତତ୍ତ୍ୱାବଧାରକ ରାଜପୁରୁଷଙ୍କ ଦ୍ୱାରା ଦୀନକୃଷ୍ଣ ଅତ୍ୟନ୍ତ ଉତ୍ପୀଡ଼ିତ ହୋଇଥିଲେ । କାରଣ ବହୁବାର ମନ୍ଦିରପ୍ରବେଶ କରିବାରେ ନିଷିଦ୍ଧ ହୋଇଥିଲେହେଁ ଦୀନକୃଷ୍ଣ ତାହାଙ୍କ ଆଜ୍ଞା ଅମାନ୍ୟ କରି ଗରୁଡ଼ସ୍ତମ୍ଭ ନିକଟରେ ପ୍ରତ୍ୟହ ଅଭିଧାନ ଚୌତିଶା ଆବୃତ୍ତି କରିବାକୁ ଲାଗିଥିଲେ । ତହୁଁ ରାଜପୁରୁଷମାନେ ରାଜାଙ୍କୁ ଜଣାଇ ତାଙ୍କୁ ପୁରୀଧାମରୁ ତଡ଼ି ଦେଇଥିଲେ । ୧୪ ଛାନ୍ଦର ୨୬ ପଦଠାରୁ ୩୦ ପଦ ପର୍ଯ୍ୟନ୍ତ, ୧୬ ଛାନ୍ଦର ୨୯ ପଦ ଓ ରସକଲ୍ଲୋଳର ଅନ୍ୟାନ୍ୟ ସ୍ଥାନ ଦ୍ରଷ୍ଟବ୍ୟ । ପରେ ସେ କୁଷ୍ଠରୋଗରୁ ମୁକ୍ତିଲାଭ କରି ପୁନର୍ବାର ପୁରୀକ୍ଷେତ୍ରରେ ବାସ କରିବା କିମ୍ବଦନ୍ତୀରୁ ପ୍ରକାଶ ପାଏ । ଦାର୍ଢ୍ୟତାଭକ୍ତିର ବିଷୟୁଚୀରୁ ଏ କିମ୍ବଦନ୍ତୀ ସ୍ୱତନ୍ତ୍ର । ତେବେ ଏତିକି ସତ୍ୟ ଯେ ରାଜାଙ୍କଦ୍ୱାରା ଦୀନକୃଷ୍ଣ ଉତ୍ପୀଡ଼ିତ ହୋଇଥିଲେ ଓ ପୁରୀଧାମରୁ ବିତାଡ଼ିତ ହୋଇଥିଲେ ।

ବିଜୟଚନ୍ଦ୍ର ମଜୁମଦାର ଅନୁମାନ କରନ୍ତି ଯେ ସେ ନୀଚଜାତୀୟ ଥିବାରୁ ରାଜା ପ୍ରତାପଙ୍କ ଦ୍ୱାରା ମନ୍ଦିରପ୍ରବେଶ କରିବାରେ ନିଷିଦ୍ଧ ହୋଇଥିଲେ । ତହୁଁ ତାଙ୍କୁ ପୁରୀଧାମ ଛାଡ଼ିବାକୁ ହୋଇଥିଲା । ଏ ମତର ଆମ୍ଭେମାନେ ପକ୍ଷପାତୀ ନୋହୁ । ରସବିନୋଦ, ନାମରତ୍ନଗୀତାକାର ଦୀନକୃଷ୍ଣ ଓ ରସକଲ୍ଲୋଳକାର ଦୀନକୃଷ୍ଣ ଏକକାଳର ଲୋକ ହୋଇଥିଲନ୍ତି । ରସବିନୋଦକାର ଦୀନକୃଷ୍ଣ ରସବିନୋଦରେ ଯେ ସ୍ୱକୃତ ଗ୍ରନ୍ଥମାନଙ୍କର ତାଲିକା ଦେଇଅଛନ୍ତି, ସେଥିରେ ରସକଲ୍ଲୋଳ, ଅଭିଧାନ ଚୌତିଶା, ନାରକେଳ ପ୍ରଭୃତିର ନାମ ଗନ୍ଧ ନାହିଁ । ପୁନଶ୍ଚ ଉଭୟଙ୍କ ରଚନାଶୈଳୀ ପୃଥକ୍ । ଅଧିକନ୍ତୁ ମଧ୍ୟ ରସବିନୋଦକାର ଦୀନକୃଷ୍ଣ ଜ୍ଞାନମିଶ୍ରା ଭକ୍ତିଯୋଗର ଅଧିକାରୀ ଓ ରସକଲ୍ଲୋଳକବି ଶୁଦ୍ଧ ଭକ୍ତିମାର୍ଗର ଅଧିକାରୀ । ପୂର୍ବୋକ୍ତ ଯୁକ୍ତିମାନଙ୍କ ହେତୁ ରସବିନୋଦକାର ଓ ରସକଲ୍ଲୋଳକାର ଦୁଇଜଣ ରୂପେ ପ୍ରତୀତ ହେଉଅଛନ୍ତି । କିନ୍ତୁ ପୂର୍ବୋକ୍ତ ଯୁକ୍ତିମାନଙ୍କ ସମୟରେ ସେ ଦୁଇଜଣଙ୍କୁ ଜଣେ ପ୍ରମାଣ କରିବାର ମଧ୍ୟ ଅବକାଶ ଅଛି ।

Digitized by srujanika@gmail.com

(୧) ରସବିନୋଦରେ ଲିଖିତ ଗ୍ରନ୍ଥତାଲିକାରୁଁ ଜଣାଯାଏ ଯେ ରସବିନୋଦ ଦୀନକୃଷ୍ଣଙ୍କ ଶେଷ ଲେଖା । ତାହାପରେ ଯେ କବି ଅନ୍ୟ ଗ୍ରନ୍ଥ ଲେଖି ନ ଥିଲେ ଏପରି ଅନୁମାନ କରିବା ସମ୍ପୂର୍ଣ୍ଣ ଭ୍ରମ । କବି ଅଭିଧାନ ଚୌତିଶା, ରସକଲ୍ଲୋଳ ପ୍ରଭୃତି ରସବିନୋଦ ପରେ ଲେଖି ପାରିଥାନ୍ତି ।

(୨) ପୁରୀଧାମ ସମସ୍ତ କ୍ଷେତ୍ରମାନଙ୍କର ଅଧିଷ୍ଠାନ, ଏହା କବି ଦୀନକୃଷ୍ଣ ରସବିନୋଦରେ ପ୍ରତିପାଦିତ କରିଅଛନ୍ତି । ଏହା ନିତ୍ୟ, ଅନ୍ୟ କ୍ଷେତ୍ରମାନେ ଏହି କ୍ଷେତ୍ରରୁ ବହିର୍ଗତ ହୋଇଅଛନ୍ତି ।

"କୋଟିଏ ତୀର୍ଥ ଦେବଦ୍ୱାର । ବଡ଼ଦେଉଳେ ବଟେଶ୍ୱର ।"
(ର. ବି. ୯ମ ଅଧ୍ୟାୟ)

"ନିତ୍ୟ ଯେ ଶ୍ରୀପୁରୁଷୋତ୍ତମ । ତହିଁ କେଉଁ ତୀର୍ଥ ସମ ।"
(ର. ବି. ୩୨ ଅଧ୍ୟାୟ)

"ନିତ୍ୟ ଯେ ନୀଳଗିରି ପୀଠ । ନାମ ଗୁପତ ବଇକୁଣ୍ଠ ।

× × × ×

ମଣିମଣ୍ଡପ ଦିବ୍ୟସ୍ଥାନ । ଶ୍ରୀକୃଷ୍ଣ ରାଧାର ଆସନ ।

× × × ×

ଅଙ୍କ ଯେ ହେଲେ ନିରାକାର । ମାନବ ଶସ୍ତ୍ରୁ ଅବତାରଃ ।
ଆମ୍ଭ ଅଂଶରୁ ଏବେ ଯାଉ । ମର୍ତ୍ତ୍ୟଭୁବନେ ରହିଥାଉ ।"
(ର. ବି. ୧୩ ଅଧ୍ୟାୟ)

ପୂର୍ବୋକ୍ତ ଉକ୍ତି ସହିତ ରସକଲ୍ଲୋଳର ୯ମ ଛାନ୍ଦର ଉକ୍ତିର ସମ୍ପୂର୍ଣ୍ଣ ସାମ୍ୟ ଅଛି ।

କମଳନେତ୍ରୀ କମଳା ପ୍ରାଣନାଥଙ୍କ । ନୀଳାପର୍ବତରେ ଲୀଳା କରି ଅନେକ ।
କଲେ ଇଚ୍ଛା ମନେ ହେବା ବଂଶଅନ୍ତକ । କରିବା ଉଲ୍ଲାସ ମହୀଭାର ଅନେକ ।

ଆହୁରି ମଧ୍ୟ ରସକଲ୍ଲୋଳରେ ଯେ ଏକାବେଳକେ ଯୋଗର ପରିହାର ହୋଇଅଛି ଏମନ୍ତ ନୁହେଁ ।

କର୍ଣ୍ଣଦେଇ କୃଷ୍ଣକଥା ଶୁଣ ସୁଜନେ । କେବଳ ମନକୁ ସ୍ଥାପି ସ୍ଥିର ଆସନେ ।
(୨୭ ଛାନ୍ଦ, ପ୍ରଥମ ପଦ)

ଗୁଣସାଗର, ଧର୍ମସାଗର, ଭୁତକେଳି ପ୍ରଭୃତି ଗ୍ରନ୍ଥରେ ତତ୍ତ୍ୱବିଷୟର ଗନ୍ଧ ନାହିଁ । ଗୁଣସାଗର ଓ ଧର୍ମସାଗର ବଙ୍ଗଳାଶ୍ରୀ ରାଗରେ ରଚିତ ଓ ସେହି ରାଗରେ ରସକଲ୍ଲୋଳର ୧୦ମ ଛାନ୍ଦ ଓ ୨୪ଶ ଛାନ୍ଦ ରଚିତ । "ଜଗମୋହନ" ନାମରେ ଗୋଟିଏ ଛାନ୍ଦ ଲେଖି ଅଛନ୍ତି ବୋଲି ଦୀନକୃଷ୍ଣ ରସବିନୋଦରେ

Digitized by srujanika@gmail.com